# କୃଷି ବିଭାଗ ତରଫରୁ
# ଚାଷୀମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ




**କୃଷି ବିଜ୍ଞାନ କେନ୍ଦ୍ର ଅନୁଗୁଳ**

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚାଷୀ ଓ ଚାଷର ସର୍ବାଙ୍ଗୀନ ଉନ୍ନତି ପାଇଁ କୃଷି ବିଭାଗ ତରଫରୁ କେତେଗୁଡ଼ିଏ ନୂତନ ଯୋଜନା ପ୍ରସ୍ତୁତ କରାଯାଇଛି । ଚାଷୀ ଭାଇ ଓ ଭଉଣୀମାନେ ଏହି ସୁବିଧା ସୁଯୋଗକୁ ଗ୍ରହଣ କରି ନିଜର ତଥା ଚାଷର ଉନ୍ନତି କରିପାରିବେ । ଏହି ସବୁ ବିଷୟରେ ଅବଗତି ପାଇଁ ନିମ୍ନରେ କେତେକ ଯୋଜନା ପ୍ରଦତ୍ତ କରାଗଲା ।

## ୧. ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଧାନ)

(କ) ଏକ ଚକିଆ ଧାଡ଼ି ରୁଆ ଅଧିକ ଅମଳକ୍ଷମ ଧାନ ପ୍ରଦର୍ଶନ କ୍ଷେତ୍ର ପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।

(ଖ) ଗଜାବିହନ ବୁଣାଯନ୍ତ୍ର ସାହାଯ୍ୟରେ ଏକଚକିଆ ଅଧିକ ଅମଳକ୍ଷମ ଧାନ ଧାଡ଼ିବୁଣା ପ୍ରଦର୍ଶନ କ୍ଷେତ୍ର ପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।

(ଗ) ଏକ ଚକିଆ 'ଶ୍ରୀ' ପ୍ରଣାଳୀରେ ଧାନ ପ୍ରଦର୍ଶନ କ୍ଷେତ୍ରପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।

(ଘ) ଏକ ଚକିଆ ଫସଲ ପର୍ଯ୍ୟାୟ ଭିତ୍ତିକ ଚାଷ ପ୍ରଣାଳୀ (ଧାନ ପରେ ମୁଗ / ବିରି) ପ୍ରଦର୍ଶନ କ୍ଷେତ୍ର ପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।



## ୨. ଜାତୀୟ ଖାଦ୍ୟ ନିରାପତ୍ତା ମିଶନ (ଡାଲି ଜାତୀୟ)

(କ) ଏକ ଚକିଆ ଚିନାବାଦାମ + ହରଡ଼ ମିଶ୍ରିତ ଚାଷ ପ୍ରଦର୍ଶନ କ୍ଷେତ୍ର ପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।

(ଖ) ଏକ ଚକିଆ ବିରି ଚାଷ ପ୍ରଦର୍ଶନ କ୍ଷେତ୍ର ପାଇଁ ହେକ୍ଟର ପ୍ରତି ଟ. ୭୫୦୦/-ର ସହାୟତା ।

## ୩. ଜାତୀୟ ତୈଳବୀଜ ଓ ତାଳତେଲ ମିଶନ

(କ) ୧୦ବର୍ଷ ମଧ୍ୟରେ ବିକଶିତ ହୋଇଥିବା ପ୍ରାମାଣିକ ବିହନ କିସମ ଉପରେ କ୍ୟୁଣ୍ଟାଲ ପ୍ରତି ଶତକଡ଼ା ୫୦ଭାଗ ସର୍ବାଧିକ ଟ. ୧୨୦୦/-ର ସହାୟତା ।

(ଖ) ୧୦ବର୍ଷ ମଧ୍ୟରେ ବିକଶିତ ହୋଇଥିବା ପ୍ରାମାଣିକ ସଙ୍କର ବିହନ କିସମ ଉପରେ କ୍ୟୁଣ୍ଟାଲ ପ୍ରତି ଶତକଡ଼ା ୫୦ଭାଗ ଟ.୨୫୦୦/-ର ସହାୟତା ।

(ଗ) ୧୦ବର୍ଷ ମଧ୍ୟରେ ବିକଶିତ ହୋଇଥିବା କିମ୍ବା ଖୁବ୍ ନିକଟରେ ବିକଶିତ ହୋଇଥିବା ତୈଳବୀଜ ଫସଲ କିସମଗୁଡ଼ିକ ଚାଷୀମାନଙ୍କ ନିକଟରେ ଆଦୃତ କରିବା ପାଇଁ ବିହନ ପୁଡ଼ିଆ ଯୋଗାଣ ।

(ଘ) ହସ୍ତ ଚାଳିତ ସ୍ପ୍ରେୟର ଓ ପରିବେଶ ସହାୟକ ଆଲୋକ ଯନ୍ତ୍ର । କ୍ରୟ କରିବା ପାଇଁ ଶତକଡ଼ା ୪୦ ଭାଗ ସର୍ବାଧିକ ଟ. ୬୦୦/- ର ସହାୟତା ।

(ଙ) ନାପ୍‌ସାକ୍ ପାୱାର ସ୍ପ୍ରେୟର (୧୬ ଲିଟର କ୍ଷମତାରୁ କମ୍) କ୍ରୟ କରିବା ପାଇଁ ଶତକଡ଼ା ୫୦ଭାଗ ସର୍ବାଧିକ ଟ.୩୦୦୦/-ର ସହାୟତା ।

(ଚ) ନାପ୍‌ସାକ୍ ପାୱାର ସ୍ପ୍ରେୟର (୧୬ ଲିଟର କ୍ଷମତାରୁ ଅଧିକ) କ୍ରୟ କରିବା ପାଇଁ ଶତକଡ଼ା ୪୦ ଭାଗ ସର୍ବାଧିକ ଟ ୮୦୦୦/- ସହାୟତା ।

(ଛ) ଆବଶ୍ୟକତା ଅନୁଯାୟୀ ପୋକମରା ଔଷଧ, ଫିମ୍ପିନାଶକ, ତୃଣ ନାଶକ ଅଣୁସାର, ଜୈବକୀଟନାଶକ, କ୍ରୟ ଉପରେ ଶତକଡ଼ା ୫୦ଭାଗ ହେକ୍ଟର ପ୍ରତି ସର୍ବାଧିକ ଟ.୫୦୦/-ର ସହାୟତା ।



(ଜ) ଜିପ୍‌ସମ୍ ଉପରେ ଶତକଡ଼ା ୫୦ଭାଗ ସର୍ବାଧିକ ହେକ୍ଟର ପ୍ରତି ଟ୭୫୦/-ର ସହାୟତା (୫୦ କି.ଗ୍ରା ବସ୍ତା ପ୍ରତି ଟ.୧୭.୮୦ପ)

(ଝ) ଜୀବାଣୁ ସାର (ରାଇଜୋବିୟମ, ଆଜୋସ୍ପିରିଲମ୍, ଆଜୋଟୋବ୍ୟାକ୍ଟର, ଫସ୍‌ଫେଟ୍ ଦ୍ରବୀଭୂତ ଜୀବାଣୁ, ପୋଟାସ ଦ୍ରବୀଭୂତ ଜୀବାଣୁ, ଜିଙ୍କ୍ ଦ୍ରବୀଭୂତ ଜୀବାଣୁ) କ୍ରୟ ଉପରେ ଶତକଡ଼ା ୫୦ଭାଗ ହେକ୍ଟର ପ୍ରତି ସର୍ବାଧିକ ଟ୩୦୦/-ର ସହାୟତା ।

(ଞ) ବଳଦ ଓ ହସ୍ତଚାଳିତ ଯନ୍ତ୍ରପାତି କ୍ରୟ ଉପରେ ଶତକଡ଼ା ୪୦ଭାଗ ସର୍ବାଧିକ ଯନ୍ତ୍ର ପ୍ରତି ଟ୮୦୦୦/-ର ସହାୟତା ।

(ଟ) ଟ୍ରାକ୍ଟର ଚାଳିତ ଯନ୍ତ୍ରପାତି ଯଥା : ରୋଟାଭେଟର, ସିଡ୍ ଡ୍ରିଲ, ଜିରୋ ଟିଲ୍ ସିଡ୍ ଡ୍ରିଲ୍, ପାୱାର ଉଇଡ଼ର, ଚିନାବାଦାମ ଖୋଳାଯନ୍ତ୍ର ଇତ୍ୟାଦି ଉପରେ ଶତକଡ଼ା ୪୦ଭାଗ ସର୍ବାଧିକ ଟ.୫୦,୦୦୦/- ସହାୟତା ।

(ଠ) ପାଇପ୍‌ରେ ଜଳସେଚନ ପାଇଁ ଶତକଡା ୫୦ ଭାଗ (ମିଟର ପ୍ରତି ଟ.୨୫/-, ସର୍ବାଧିକ ୫୦୦ମିଟର ପାଇଁ) ସର୍ବାଧିକ ଟ. ୧୫,୦୦୦/-ର ସହାୟତା ।

(ଡ) ଶସ୍ୟ ସାଇତା ଡୋଲି (୧-୧୦ କ୍ୟୁଣ୍ଟାଲ କ୍ଷମତା) ପାଇଁ ଚାଷୀ ପ୍ରତି ଶତକଡ଼ା ୨୫ ଭାଗ ସର୍ବାଧିକ ଟ. ୧୦୦୦/-ର ସହାୟତା ।

(ଢ) ଏକଚକିଆ ପ୍ରଦର୍ଶନ କ୍ଷେତ୍ର ପାଇଁ ଚିନାବାଦାମ ହେକ୍ଟର ପ୍ରତି ଟ. ୭୫୦୦/-, ସୂର୍ଯ୍ୟମୁଖୀ ହେକ୍ଟର ପ୍ରତି ଟ. ୪୦୦୦/-, ରାଶି ହେକ୍ଟର ପ୍ରତି ଟ. ୩୦୦୦/- ର କୃଷି ସାମଗ୍ରୀ ଯୋଗାଣ ।

(ଣ) ସମନ୍ୱିତ ରୋଗ ପୋକ ପରିଚାଳନା କୁ ଚାଷୀମାନଙ୍କ ଭିତରେ ଆଦୃତ କରିବା ପାଇଁ କୃଷକ କ୍ଷେତ୍ର ବିଦ୍ୟାଳୟର ପ୍ରବର୍ତ୍ତନ ଓ କ୍ଷେତ୍ର ବିଦ୍ୟାଳୟ ପ୍ରତି ଟ. ୨୬,୭୦୦/-ର ସହାୟତା ।

(ତ) ୩୦ଜଣ ବଛାବଛା ଚାଷୀଙ୍କୁ ଦୁଇଦିନ ତାଲିମ୍ ପାଇଁ ତାଲିମ ଶିବିର ପ୍ରତି ଟ୨୪୦୦୦/-ର ସହାୟତା ।

## ୪. ରାଜ୍ୟଯୋଜନା

(କ) 'ଶ୍ରୀ' ପଦ୍ଧତିରେ ଧାନ ଚାଷର ପ୍ରସାର ପାଇଁ ହେକ୍ଟର ପ୍ରତି ଟ୫୦୦୦/-ର ପ୍ରୋତ୍ସାହନା ।

(ଖ) ଧାନକୁ ଧାଡ଼ିରୁଆ କିମ୍ବା ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ଟ୧୫୦୦/-ର ପ୍ରୋତ୍ସାହନା ।

(ଗ) ପ୍ରତି ବ୍ଲକରେ ୫ଟି ଲେଖାଏଁ ବିହନ ବିଶୋଧନ ଶିବିର ମାଧ୍ୟମରେ ୫୦୦ହେକ୍ଟର ଧାନ ବିହନ ବିଶୋଧନ ।



## ୫. ରାଜ୍ୟ କୃଷି ନୀତି ୨୦୧୩ରେ ଜଳସେଚନ ପାଇଁ ଥିବା ସୁବିଧା ସୁଯୋଗ

### ଘରୋଇ ଉଠାଜଳସେଚନ ପ୍ରକଳ୍ପ (ଜଳନିଧି)

(କ) ଅଗଭୀର ନଳକୂପ - ପ୍ରକଳ୍ପ ଖର୍ଚ୍ଚର ୫୦% ସର୍ବାଧିକ ୨୦,୦୦୦/-ଟଙ୍କା। ଗୋଟିଏ ପୁଞ୍ଜରେ ୧୦ଗୋଟି କିମ୍ବା ଅଧିକ ଅଗଭୀର ନଳକୂପ ପାଇଁ ସରକାର ବିଦ୍ୟୁତିକରଣ ବାବଦକୁ ପୁଞ୍ଜ ପ୍ରତି ସର୍ବାଧିକ ୪ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ବହନ କରିବେ।

(ଖ) ସେଚକୂପ - ପ୍ରକଳ୍ପ ଖର୍ଚ୍ଚର ୭୫% ସର୍ବାଧିକ ୭୫,୦୦୦ଟଙ୍କା

(ଗ) ଗଭୀର ନଳକୂପ - ପ୍ରକଳ୍ପ ଖର୍ଚ୍ଚର ୭୫% ସର୍ବାଧିକ ୫୦,୦୦୦ ଟଙ୍କା (ବିଦ୍ୟୁତିକରଣ ଖର୍ଚ୍ଚ ବ୍ୟତୀତ) ଅଧିକନ୍ତୁ ଜେନ୍ ସେଟ୍ / ବିଦ୍ୟୁତିକରଣ ଖର୍ଚ୍ଚର ଶତକଡା ୭୫ ସର୍ବାଧିକ ୫୦,୦୦୦ଟଙ୍କା (ବିଦ୍ୟୁତିକରଣ ପାଇଁ)

(ଘ) ନଦୀ ଉଠା / ଭୂପୃଷ୍ଠ ଜଳସେଚନ ପ୍ରକଳ୍ପ - ପ୍ରକଳ୍ପ ଖର୍ଚ୍ଚର ୭୫% ସର୍ବାଧିକ ୬୦,୦୦୦ଟଙ୍କା। ଗୋଷ୍ଠୀ ଭିତ୍ତିକ / ପଞ୍ଜିକୃତ ଅନୁଷ୍ଠାନ ସର୍ବନିମ୍ନ ୪୦ ହେକ୍ଟର ସେଚାଞ୍ଚଳ ପାଇଁ ୯୦% ରିହାତି ପାଇବେ।

## ୬. ରାଜ୍ୟ କୃଷି ନୀତି ୨୦୧୩ରେ କୃଷି ଯାନ୍ତ୍ରିକୀକରଣ ପାଇଁ ଥିବା ସୁବିଧା ସୁଯୋଗ

### କୃଷି ଯାନ୍ତ୍ରିକୀକରଣ (କେନ୍ଦ୍ରୀୟ ସାହାଯତା ସମେତ, ଯଦି ଉପଲବ୍ଧ ଥାଏ)

(କ) ଟ୍ରାକ୍ଟର - ମୂଲ୍ୟର ୫୦% ସର୍ବାଧିକ ୯୦,୦୦୦ ଟଙ୍କା। ୪୦ ପି.ଟି. ଓ ଏଚ.ପି. ଟ୍ରାକ୍ଟର ପର୍ଯ୍ୟନ୍ତ।

(ଖ) ପାୱାରଟିଲର - ୮ବି.ଏଚ.ପି. ଏବଂ ତଦୁର୍ଦ୍ଧ ପାୱାରଟିଲର ପାଇଁ ମୂଲ୍ୟର ୫୦% ସର୍ବାଧିକ ୭୫,୦୦୦ଟଙ୍କା।







(ଗ) ସ୍ୱୟଂଚାଳିତ ଧାନକଟାଯନ୍ତ, ଧାନରୁଆ ଯନ୍ତ୍ର ଓ ଅନ୍ୟାନ୍ୟ ଏହିଭଳି ସ୍ୱୟଂଚାଳିତ ଯନ୍ତ୍ର - ସ୍ୱୟଂଚାଳିତ

(୧) ଧାନ କଟା ଯନ୍ତ୍ର - ମୂଲ୍ୟର ୫୦% ସର୍ବାଧିକ ୮୦,୦୦୦ ଟଙ୍କା।

(୨) ଧାନ କଟା ଯନ୍ତ୍ର ତଥା ବାଇଣ୍ଡର - ମୂଲ୍ୟର ୫୦% ସର୍ବାଧିକ ୧,୫୦,୦୦୦ଟଙ୍କା।

(୩) ପଛରେ ଚାଲିବା ଧାନ ରୁଆ ଯନ୍ତ୍ର - ମୂଲ୍ୟର ୭୫% ସର୍ବାଧିକ ୧,୫୦,୦୦୦ଟଙ୍କା।

(୪) ରାଇଡିଂ ଟାଇପ୍ ଧାନରୁଆ ଯନ୍ତ୍ର - ମୂଲ୍ୟର ୭୫% ସର୍ବାଧିକ ୫,୦୦,୦୦୦ଟଙ୍କା। ୩ବର୍ଷରେ ୩ଟି କିସ୍ତି ୨:୨:୧ ଅନୁପାତରେ ଦେବାକୁ ପଡେ। ବ୍ୟକ୍ତିବିଶେଷ, କୃଷି ସେବା କେନ୍ଦ୍ର, ପ୍ୟାକ୍ସ୍ ଓ ଲ୍ୟାମ୍ପ୍ ଏହାକୁ ନେଇ ପାରିବେ।

(୫) ବିଛଣା ତଳି ପାଇଁ ତଳି ଉଭାରିବା ଯନ୍ତ୍ର - ମୂଲ୍ୟର ୭୫% ସର୍ବାଧିକ ୨,୦୦,୦୦୦ଟଙ୍କା। (ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ର ଏସ.ଏଲ.ଟି.ସି.ର ଅନୁମୋଦନ କ୍ରମେ ରିହାତିରେ ଅନ୍ତର୍ଭୁକ୍ତ କରାଯିବ।)

(ଘ) ସ୍ୱତନ୍ତ୍ର ଶକ୍ତିଚାଳିତ ଯନ୍ତ୍ରପାତି - ସ୍ୱତନ୍ତ୍ର ଶକ୍ତି ଚାଳିତ ଯନ୍ତ୍ର ଯଥା

(୧) ସମସ୍ତ ପ୍ରକାର ଆକ୍ସିଆଲ୍ ଫ୍ଲୋ ଥ୍ରେସର (ଟ୍ରାକ୍ଟର ଓ ପାୱାରଟିଲର ଚାଳିତ) ମୂଲ୍ୟର ୫୦% ସର୍ବାଧିକ ୭୦,୦୦୦ ଟଙ୍କା।

(୨) ରୋଟାଭେଟର / ରୋଟାରି ଟିଲର ମୂଲ୍ୟର ୭୫% ସର୍ବାଧିକ ୮୦,୦୦୦ଟଙ୍କା।

(୩) ଅନ୍ୟାନ୍ୟ ଯଥା : ଚିନାବାଦାମ ଖୋଳା ଯନ୍ତ୍ର, ଆଳୁ ଲଗା ଯନ୍ତ୍ର, ଆଳୁ ଖୋଳା ଯନ୍ତ୍ର, ଶକ୍ତି ଚାଳିତ ଘାସକଟା ଯନ୍ତ୍ର, ବ୍ରସ କଟର, ପୋଷ୍ଟ ହୋଲ୍‌ଡିଗର, ଷ୍ଟ୍ର ରିପର, ମୂଲ୍ୟର ୫୦% ସର୍ବାଧିକ ୬୦,୦୦୦ଟଙ୍କା।



(୪) ଅମଳ ପରବର୍ତ୍ତୀ ଯନ୍ତ୍ର ଯଥା - ରବର ରୋଲ ସେଲର, ମିନି ଅଏଲ୍ ମିଲ୍, ମିନି ଡାଲି ପ୍ରକ୍ରିୟାକରଣ ୟୁନିଟ୍, ସମସ୍ତ ପ୍ରକାର କ୍ଲିନର ତଥା ଗ୍ରେଡର, ଶକ୍ତିଚାଳିତ ଚିନାବାଦାମ ଚୋପା ଛଡ଼ାଇବା ଯନ୍ତ୍ର ମକା ଛଡ଼ାଇବା ଯନ୍ତ୍ର ଓ ଅନ୍ୟାନ୍ୟ ସମ୍ପୃକ୍ତଯନ୍ତ୍ର ମୂଲ୍ୟର ୭୫% ସର୍ବାଧିକ ୨,୦.୦୦୦ଟଙ୍କା (ଏସ୍.ଏଲ୍.ଟି.ସି.ର ଅନୁମୋଦନ କ୍ରମେ ଅନ୍ୟାନ୍ୟ ଶକ୍ତିଚାଳିତ ଯନ୍ତ୍ରକୁ ରିହାତିରେ ଅନ୍ତର୍ଭୁକ୍ତ କରାଯିବ।)

(ଙ) ଶକ୍ତିଗ୍ଳିତ ଯନ୍ତ୍ରପାତି (ଟ୍ରାକ୍ଟର / ପାୱାର ଟିଲର ଚାଳିତ/ ପାରମ୍ପରିକ ଯନ୍ତ୍ରପାତି)-

ଶକ୍ତି ଚାଳିତ ଯନ୍ତ୍ରପାତି ଯଥା ସମସ୍ତ ପ୍ରକାର ଟ୍ରାକ୍ଟର / ପାୱାର ଟିକର ଚାଳିତ ଯନ୍ତ୍ରପାତି ଯଥା -

(୧) ଡିସ୍କପ୍ଲାଓ / ହାରୋ, ସମସ୍ତ ପ୍ରକାର ମୋଡ଼ାପତ୍ର ଲଙ୍ଗଳ, ସମସ୍ତ ପ୍ରକାର ଟିଲର, ରିଜର, ଲେଭଲର, ପାୱାରଟିଲର ଟ୍ରେଲର ଇତ୍ୟାଦି ମୂଲ୍ୟର ୫୦% ସର୍ବାଧିକ ୨୫,୦୦୦ ଟଙ୍କା।

(୨) ସମସ୍ତ ପ୍ରକାର ମଞ୍ଜି ତଥା ସାର ବୁଣାଯନ୍ତ୍ର, ଜିରୋଟିଲ୍ ତଥା ବିହନ ବୁଣାଯନ୍ତ୍ର, ମୂଲ୍ୟର ୭୫% ସର୍ବଧିକ ୪୫,୦୦ଟଙ୍କା।

(ଏସ୍.ଏଲ୍.ଟି.ସି.ର ଅନୁମୋଦନ କ୍ରମେ ଅନ୍ୟାନ୍ୟ ସ୍ୱୟଂଚାଳିତ ଯନ୍ତ୍ରଗୁଡ଼ିକ ରିହାତିରେ ଅନ୍ତର୍ଭୁକ୍ତ କରାଯିବ।)

(ଚ) (୧) ହସ୍ତଚାଳିତ ଯନ୍ତ୍ରପାତି - ମୂଲ୍ୟର ୭୫% ସର୍ବାଧିକ ୬,୦୦୦ଟଙ୍କା

(୨) ପଶୁଚାଳିତ ଯନ୍ତ୍ରପାତି - ମୂଲ୍ୟର ୭୫% ସର୍ବାଧିକ ୬,୦୦୦ଟଙ୍କା

(ଛ) ପଶୁଚାଳିତ ଟୁଲ୍ କ୍ୟାରିଅର - ମୂଲ୍ୟର ୫୦% ସର୍ବାଧିକ ୧୨,୦୦୦ଟଙ୍କା ପଶୁଚାଳିତ ସ୍ୱତନ୍ତ୍ର ଯନ୍ତ୍ରପାତି ଯଥା:- (କ) ମଲଟି ଟୁଲବାର / କ୍ୟାରିଅର / ଟ୍ରପିକଲ୍‌ଟର (ସର୍ବନିମ୍ନ ୪ଗୋଟି ଆଟାଚ୍‌ମେଣ୍ଟ)। (ଖ) ପ୍ରାକ୍ ଗଜା ଧାନ ବୁଣା ଯନ୍ତ୍ର।

(ଜ) ଶକ୍ତି ଗ୍ଳିତ ଅମଳ ଯନ୍ତ୍ର (ସମସ୍ତ ପ୍ରକାର) - ମୂଲ୍ୟର ୫୦% ସର୍ବାଧିକ ୨୪,୦୦୦ ଟଙ୍କା।

(ଝ) ଡ଼ିଜେଲ / ଇଲେକ୍ଟ୍ରି / ପେଟ୍ରୋଲ / କିରୋସିନି ପମ୍ପସେଟ୍ ୧୦ ବି.ଏଚ.ପି. ପର୍ଯ୍ୟନ୍ତ / ୭.୫ କିଲୋୱାଟ - ଡ଼ିଜେଲ / ଇଲେକ୍ଟ୍ରି / ପେଟ୍ରୋଲ / କିରୋସିନି ସେଣ୍ଟ୍ରି ଫ୍ୟୁଗାଲ ମନୋବ୍ଲକ ପମ୍ପସେଟ୍ ୧ କିଲୋୱାଟ୍‌ରୁ ୭.୫ କିଲୋୱାଟ ମୂଲ୍ୟର ୫୦% ସର୍ବାଦ୍‌କ ୧୫,୦୦୦ଟଙ୍କା।

(ଞ) ଲେଜର ଗାଇଡେଡ୍ ଲେବ୍‌ଲର - ମୂଲ୍ୟର ୭୫% ସର୍ବାଧିକ ୩ଲକ୍ଷ ଟଙ୍କା।

(ଟ) ଫସଲ ସୁରକ୍ଷା ଯନ୍ତ୍ରପାତି -

(୧) ହସ୍ତଚାଳିତ - ମୂଲ୍ୟର ୫୦% ସର୍ବାଧିକ ୧,୦୦୦ ଟଙ୍କା।

(୨) ଶକ୍ତିଚାଳିତ - ମୂଲ୍ୟର ୫୦% ସର୍ବାଧିକ ୪,୦୦୦ ଟଙ୍କା।

(୩) ଟ୍ରାକ୍ଟର ମାଉଣ୍ଟେଡ୍ - ମୂଲ୍ୟର ୫୦% ସର୍ବାଧିକ ୮,୦୦୦ ଟଙ୍କା।

(୪) ଏରୋବ୍ଲାଷ୍ଟ ସିଞ୍ଚନ ଯନ୍ତ୍ର - ମୂଲ୍ୟର ୫୦% ସର୍ବାଧିକ ୫୦,୦୦୦ ଟଙ୍କା।

୦) କମ୍ବାଇନ୍ ହାର୍ଭେଷ୍ଟର

(୧) ସ୍ୱୟଂଚାଳିତ ଟ୍ରାକ୍ ଟାଇପ - ମୂଲ୍ୟର ୫୦% ସର୍ବାଧିକ ୬ ଲକ୍ଷ ଟଙ୍କା।

(୨) ସ୍ୱୟଂଚାଳିତ ହ୍ୱିଲ୍ ଟାଇପ୍ - ମୂଲ୍ୟର ୫୦% ସର୍ବାଧିକ ୬ ଲକ୍ଷ ଟଙ୍କା।

(୩) ଟ୍ରାକ୍ଟର ମାଉଣ୍ଟେଡ୍ କମ୍ବାଇନ୍ - ମୂଲ୍ୟର ୫୦% ସର୍ବାଧିକ ୫ଲକ୍ଷ ଟଙ୍କା।
(ଟ୍ରାକ୍ଟରକୁ ବାଦ୍ ଦେଇ କେବଳ କମ୍ବାଇନ୍ ପାଇଁ ରିହାତି ପ୍ରଦାନ କରାଯିବ)

(୪) ଯଦି କିଛି ମିଶ୍ରିତ ଥାଏ - ଯେ କୌଣସି ଉପଯୁକ୍ତ ଯନ୍ତ୍ରପାତି ଏସ୍.ଏଲ.ଟି.ସି.ର ଅନୁମୋଦନ କ୍ରମେ ଅନ୍ତର୍ଭୁକ୍ତ କରାଯିବ।

## ୭. ରାଜ୍ୟ କୃଷି ନୀତି ୨୦୧୩ରେ କୃଷି କଲ୍ୟାଣ ପାଇଁ ପୁଞ୍ଜି ନିବେଶ ରିହାତି

କୃଷି ଉଦ୍ୟୋଗ ପାଇଁ ପୁଞ୍ଜି ନିବେଶ ରିହାତି - ସ୍ଥାୟୀ ପୁଞ୍ଜିର ୪୦%(ଜମି ମୂଲ୍ୟ ବ୍ୟତୀତ) ସର୍ବାଧିକ ୫୦ଲକ୍ଷ ଟଙ୍କା (୫୦% ସର୍ବାଧିକ ୫୦ ଲକ୍ଷ ଟଙ୍କା ଅନୁସୂଚିତ ଜାତି / ଜନ ଜାତି/ ମହିଳା / କୃଷି ଓ ଅନୁଷାଙ୍ଗିକ ବିଷୟରେ ସ୍ନାତକମାନଙ୍କ ପାଇଁ)

## ୮. ବିଜୁ କୃଷକ କଲ୍ୟାଣ ଯୋଜନା

ଗ୍ରାମାଞ୍ଚଳରେ ବସବାସ କରୁଥିବା ପ୍ରତ୍ୟେକ ଚାଷୀ ପରିବାରକୁ ସ୍ୱାସ୍ଥ୍ୟ ବୀମାରେ ଅର୍ନ୍ତଭୁକ୍ତ କରିବା ।

## ୯. କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟକ୍ରମ

(କ) ଚାଷୀଙ୍କ କ୍ଷେତ୍ରରେ କ୍ଷେତ୍ର ପରୀକ୍ଷଣ

(ଖ) କୃଷି କ୍ଷେତ୍ରରେ ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ ।

(ଗ) କୃଷକ, କୃଷିଜୀବି ମହିଳା ଓ ପାଠଛାଡ଼ିଥିବା ଗ୍ରାମ୍ୟ ଯୁବକ ଯୁବତୀମାନଙ୍କୁ କୃଷି ଓ ଆନୁସଙ୍ଗୀକ କ୍ଷେତ୍ରରେ ଧନ୍ଦାମୂଳକ ତାଲିମ୍ ପ୍ରଦାନ ।

(ଘ) କୃଷି ତଥା ଆନୁସଙ୍ଗୀକ ବିଭାଗର ସଂପ୍ରାସାରଣ କାର୍ଯ୍ୟ ଓ କୃଷି କାର୍ଯ୍ୟରେ ସଂପୃକ୍ତ ଥିବା ବେସରକାରୀ ଅନୁଷ୍ଠାନର ସଦସ୍ୟମାନଙ୍କୁ ତାଲିମ୍ ପ୍ରଦାନ ।

(ଙ) ସଂପ୍ରସାରଣ କାର୍ଯ୍ୟକ୍ରମ ଯଥା କୃଷକ ମେଳା, ପ୍ରଦର୍ଶନୀ, ତାଲିମ୍ ପ୍ରାପ୍ତ କୃଷକମାନଙ୍କର ସମ୍ମିଳନୀ ଇତ୍ୟାଦି ଦ୍ୱାରା ଜ୍ଞାନ କୌଶଳର ପ୍ରଚାର ଓ ପ୍ରସାର କରିବା ।

(ଚ) ଉନ୍ନତମାନର ଚାରା ଉତ୍ପାଦନ ଓ ବିକ୍ରୟ

(ଛ) ମୃତ୍ତିକା ପରୀକ୍ଷା, ଛତୁ ମଞ୍ଜି ଉତ୍ପାଦନ, ଉନ୍ନତ କୁକୁଡା ପାଳନ, ଜିଆ ଖତ ଉତ୍ପାଦନ ଓ ରଙ୍ଗୀନ ମାଛ ପ୍ରଜନନ ।

(ଜ) ସମାଚାର ପତ୍ର, ସଂପ୍ରସାରଣ ପୁସ୍ତିକା, କିଷାନ ମୋବାଇଲ୍ ସନ୍ଦେଶ ଦ୍ୱାରା ଜ୍ଞାନ କୌଶଳର ପ୍ରସାର

(ଝ) ମହିଳା ସଶକ୍ତି କରଣ, ଯୁବ ମାର୍ଗ ଦର୍ଶକ ଗଠନ, ଖାଦ୍ୟ ନିରାପତ୍ତା ଓ ପରିବେଶ ସୁରକ୍ଷା ଆଦି କାର୍ଯ୍ୟକ୍ରମ ।




ବିଶେଷ ବିବରଣୀ ପାଇଁ ଯୋଗାଯୋଗ -

**ଜିଲ୍ଲା କୃଷି ଅଧିକାରୀ, ଅନୁଗୁଳ** : ଫୋନ୍ - ୦୬୭୬୪-୨୩୦୩୫୧

**ଜିଲ୍ଲା କୃଷି ଅଧିକାରୀ, ତାଳଚେର** : ଫୋନ୍ - ୦୬୭୬୦ - ୨୪୦୨୭୩

**ଜିଲ୍ଲା କୃଷି ଅଧିକାରୀ, ଆଠମଲ୍ଲିକ** : ଫୋନ୍ - ୦୬୭୫୩-୨୫୪୨୨୭


ଅଧିକ ବିବରଣୀ ପାଇଁ ବ୍ଲକ ସ୍ତରର ସହକାରୀ କୃଷି ଅଧିକାରୀ ଓ ନିଜ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି କର୍ମଚାରୀ / କୃଷି ଅଧିକଦର୍ଶକଙ୍କ ସହ ଯୋଗାଯୋଗ କରନ୍ତୁ ।


ସୌଜନ୍ୟ -

**କୃଷି ବୈଷୟିକ ପରିଚାଳନ ସଂସ୍ଥା (ATMA) ଅନୁଗୁଳ**

ଫୋନ୍ - ୦୬୭୬୪ - ୨୩୩୨୩୬